


# ସତ୍ୟବାକ୍ୟ

# THE WORD OF TRUTH

**MARCH & APRIL - 2010**

An Oriya Bimonthly Bulletin
Published by the Church of Christ

# THE VOICE OF TRUTH

Edited & Published By
Joshua & Kabita Gootam.

# CHURCH OF CHRIST

P.O.Box.No.80, Kakinada
A.P.- 533 001.
Ph: 0884 - 2363722.

**Vol. 14. Mar & Apr- 2010. No-2.**

Published every two months in Oriya language for the Restoration of pure New Testment Christanity.

Hear **SATYA VANI** Oriya Radio Programme on
Radio Srilanka
Every Sunday at 6:45 a.m.

Write for free Bible Correspondence Course in Telugu & Oriya to:

The Director
Bible Correspondence Course
P.O.Box.80, Kakinada - 533 001

# ସତ୍ୟବାଣୀ
# VOICE OF TRUTH

**VOL - XV KAKINADA MAR-APR-2010**

## ମୋଶାଙ୍କ ବ୍ୟବସ୍ଥା
## ( The Law of Moses )

ଆଦ୍ୟରେ ପରମେଶ୍ୱର ମନୁଷ୍ୟଙ୍କୁ ଏକ ସିଦ୍ଧ ପୁରୁଷ ରୂପରେ ସୃଷ୍ଟି କଲେ । ମନୁଷ୍ୟର ଅବାଧ୍ୟତା ତାହାଙ୍କୁ, ତାହାର ସୃଷ୍ଟିକର୍ତ୍ତାଠାରୁ ଦୂରେଇ ନେଲା । (ଆଦି ୨ :୩) ।

ମହାବନ୍ୟା ଦ୍ୱାରା ସେକାଳର ଅବାଧ ସନ୍ତାନମାନଙ୍କୁ ନାଶ କରିବା ପାଇଁ ସଦାପ୍ରଭୁ ନିଶ୍ଚୟ କଲେ । ନୋହ ଓ ତାହାଙ୍କ ପରିବାର ପରମେଶ୍ୱରଙ୍କ ଦୃଷ୍ଟିରେ ଅନୁଗ୍ରହ ପ୍ରାପ୍ତ ହେଲେ ।

ଅଳ୍ପକାଳ ପରେ, ପରମେଶ୍ୱର ଅବ୍ରାହାମ ସନ୍ତାନମାନଙ୍କୁ ଏକ ମହାଗୋଷ୍ଠୀ ରୂପେ ଗଠନ କରିବା ପାଇଁ ନିଶ୍ଚିତ କଲେ । କିନ୍ତୁ ତାହାଙ୍କ ସନ୍ତାନମାନେ ଅର୍ଥାତ୍ ଇଶ୍ରାୟେଲୀୟମାନେ ମିସରରେ ଦାସ ରୂପେ ବନ୍ଦୀ ହୋଇ ରହିଲେ । ସେହି ବନ୍ଦୀତ୍ୱରୁ ଉଦ୍ଧାର କରିବା ପାଇଁ ଈଶ୍ୱର ମୋଶାଙ୍କୁ ମନୋନୀତ କଲେ । ଚାରି ଶହ ବର୍ଷ ମିସରରେ ଦାସ ରୂପେ ରହିବା ପରେ, ପରମେଶ୍ୱରଙ୍କ ବାହୁବଳ ଓ ମୋଶାଙ୍କ ନେତୃତ୍ୱରେ ସେମାନେ ମିସରରୁ ବାହାରି ସିୟୋନ ପର୍ବତକୁ ଗଲେ । ସେଠାରେ ପରମେଶ୍ୱର ମୋଶାଙ୍କୁ ବ୍ୟବସ୍ଥା ପ୍ରଦାନ କଲେ । ତାହା 'ମୋଶାଙ୍କ ବ୍ୟବସ୍ଥା' ରୂପେ ପରିଚିତ ।

'ଦଶ ଆଜ୍ଞା' ଏହି ବ୍ୟବସ୍ଥା ଅନ୍ତର୍ଭୁକ୍ତ । ମନୁଷ୍ୟର ସାମାଜିକ ଆଚାର ବ୍ୟବହାର ତଥା ସୃଷ୍ଟିକର୍ତ୍ତା ସହିତ ତାହାର ଧର୍ମବିଧିର ଅନେକ ନିୟମଗୁଡିକ ଦ୍ୱାରା ବ୍ୟବସ୍ଥା ଗଠିତ ।

ମୋଶାଙ୍କ ବ୍ୟବସ୍ଥା କେବଳ ଇଶ୍ରାୟେଲ ଜାତି ନିମନ୍ତେ ଦିଆଯାଇଥିଲା, ବିଜାତିମାନଙ୍କ ନିମନ୍ତେ ଦିଆଯାଇ ନ ଥିଲା । ଆପଣା ଆପଣା ଧର୍ମତ୍ୟାଗ କରି ଯିହୁଦୀ ମତ ଗ୍ରହଣ କରିବା ଦ୍ୱାରା ସେମାନେ ସେହି ବ୍ୟବସ୍ଥାଧିନ ହେଉଥିଲେ ।

ତେବେ ବ୍ୟବସ୍ଥା କାହିଁକି ଦତ୍ତ ହେଲା ? ପାଉଲଙ୍କ ପତ୍ର ଗାଲାତୀୟ ୩ :୧୯

ଅନୁଯାୟୀ, "ଯେଉଁ ସନ୍ତାନଙ୍କୁ ଲକ୍ଷ୍ୟ କରି ପ୍ରତିଜ୍ଞା କରାଯାଇ ଥିଲା, ତାହାଙ୍କ ନ ଆସିବା ପର୍ଯ୍ୟନ୍ତ ତାହା ଆଜ୍ଞା ଲଂଘନ ହେତୁ ଯୋଗ କରାଗଲା, ପୁଣି ତାହା ଦୂତମାନଙ୍କ ଦ୍ୱାରା ଜଣେ ମଧ୍ୟସ୍ଥଙ୍କ ହସ୍ତରେ ସ୍ଥାପିତ ହୋଇଥିଲା ।" ଆଜ୍ଞା ଲଂଘନ ହେତୁ ବ୍ୟବସ୍ଥା ଦତ୍ତ ହୋଇ ଥିଲା ବୋଲି ଏହି ବାକ୍ୟ ଦ୍ୱାରା ଆମେ ଜାଣି ପାରୁଅଛୁ । ଅନ୍ୟ ପକ୍ଷରେ କହିବାକୁ ଗଲେ, ଏକ ନିର୍ଣ୍ଣିତ ସମୟ ଉପସ୍ଥିତ ହେବା ପର୍ଯ୍ୟନ୍ତ ଆପଣା ଲୋକେ ଅନୁସରଣ କରିବା ନିମନ୍ତେ ଈଶ୍ୱର ଏହି ବ୍ୟବସ୍ଥା ନିୟମ ପ୍ରଦାନ କରିଥିଲେ । କେତେ ସମୟ ପର୍ଯ୍ୟନ୍ତ ? ପ୍ରତିଜ୍ଞାତ ସନ୍ତାନଙ୍କ ଆଗମନ ପର୍ଯ୍ୟନ୍ତ ସେହି ପ୍ରତିଜ୍ଞାତ ସନ୍ତାନ ଯୀଶୁଖ୍ରୀଷ୍ଟ ଅଟନ୍ତି । "ଆଉ ଯଦି ତୁମ୍ଭେମାନେ ଖ୍ରୀଷ୍ଟଙ୍କର ତେବେ ତୁମ୍ଭେମାନେ ତ ଅବ୍ରାହାମଙ୍କ ବଂଶ, ପ୍ରତିଜ୍ଞା ଅନୁସାରେ ଉତ୍ତରାଧିକାରୀ ।" (ଗାଲାତୀୟ ୩:୨୯) ତେଣୁକରି ଖ୍ରୀଷ୍ଟଙ୍କ ଆଗମନ ଦ୍ୱାରା ବ୍ୟବସ୍ଥାର ଅନ୍ତ ହୋଇଅଛି ।

"ମୁଁ ଯେ ବ୍ୟବସ୍ଥା କି ଭାବବାଦୀ ମାନଙ୍କ ଧର୍ମଶାସ୍ତ୍ର ଲୋପ କରିବାକୁ ଆସିଅଛି । ଏପରି ଭାବ ନାହିଁ । ଲୋପ କରିବାକୁ ଆସି ନାହିଁ ବରଂ ସଫଳ କରିବାକୁ ଆସିଅଛି ।", ବୋଲି ଯୀଶୁ ନିଜେ ମାଥିଉ ୫ :୧୭ ରେ କହି ଅଛନ୍ତି । ପୁନର୍ବାର ଲୂକ ୨୪ : ୪୪ ସେ କହନ୍ତି, "ମୋଶାଙ୍କ ବ୍ୟବସ୍ଥା ଏବଂ ଭାବବାଦୀମାନଙ୍କ ଓ ଗୀତ ସଂହିତା ଧର୍ମଶାସ୍ତ୍ରରେ ମୋ ବିଷୟରେ ଯାହା ଯାହା ଲେଖା ଅଛି, ସେହି ସବୁ ସଫଳ ହେବା ଆବଶ୍ୟକ । "ପୁଣି ବିଧିବିଧାନରେ ଆମ୍ଭମାନଙ୍କ ବିରୁଦ୍ଧରେ ଯେଉଁ ଅଭିଯୋଗ ପତ୍ର ଥିଲା, ତାହା ସେ ଲୋପ କରି କ୍ରୁଶରେ ଟଙ୍ଗାଇ ଦେଇ ଆମ୍ଭମାନଙ୍କ ପଥରୁ ଦୂର କରି ଦେଇଅଛନ୍ତି ।" (କଲସୀ ୨:୧୪) ।

ପୂର୍ବକାଳରେ ଈଶ୍ୱର ମୋଶାଙ୍କ ବ୍ୟବସ୍ଥା ଦ୍ୱାରା ଆମ୍ଭମାନଙ୍କ ସହିତ କଥା କହୁଥିଲେ, କିନ୍ତୁ ବର୍ତ୍ତମାନ କାଳରେ ସେ ଆପଣା ପୁତ୍ର ଯୀଶୁଙ୍କ ଦ୍ୱାରା କଥା କହୁଅଛନ୍ତି । "ଈଶ୍ୱର ପୁରା କାଳରେ ବିଭିନ୍ନ ଭାଗରେ ଓ ବିଭିନ୍ନ ପ୍ରକାରେ ଭାବବାଦୀମାନଙ୍କ ଦ୍ୱାରା ପିତୃ ପୁରୁଷମାନଙ୍କୁ କଥା କହି, ଏହି ଶେଷ କାଳରେ ପୁତ୍ରଙ୍କ ଦ୍ୱାରା ଆମ୍ଭମାନଙ୍କୁ କଥା କହିଅଛନ୍ତି । ( ଏବ୍ରୀ ୧:୧ ,୨) । ଯୀଶୁ, ରୂପାନ୍ତରିତ ହେବା ବେଳେ ମୋଶା ସେଠାରେ ଥିଲେ ମଧ୍ୟ, ଈଶ୍ୱର ଏହିପରି କହିଲେ, ଏ ଆମ୍ଭର ପ୍ରିୟ ପୁତ୍ର, ଏହାଙ୍କଠାରେ ଆମ୍ଭର ପରମ ସନ୍ତୋଷ ଏହାଙ୍କ ବାକ୍ୟ ଶ୍ରବଣ କରିବା ପାଇଁ କହିଥିଲେ, ସେ ମୋଶାଙ୍କ କିମ୍ବା ବାପ୍ତିଜକ ଯୋହନଙ୍କ ବାକ୍ୟ ଶ୍ରବଣ କରିବାକୁ ନ କହି, ଯୀଶୁ ଖ୍ରୀଷ୍ଟଙ୍କ ବାକ୍ୟ ଶ୍ରବଣ କରିବାକୁ କହିଥିଲେ । ଏବ୍ରୀପତ୍ରର ଲେଖକ, ଦଶମ ଅଧ୍ୟାୟରେ ପୁରାତନ ବ୍ୟବସ୍ଥା ବଦଳରେ ଏବେ ନୂତନ ନିୟମ ଚଳୁଅଛି ବୋଲି ବର୍ଣ୍ଣିତ କରିଅଛନ୍ତି । ବର୍ତ୍ତମାନ ଆମ୍ଭେମାନେ

ପୁରାତନ ନିୟମାଧିନ ନୋହୁଁ, କିନ୍ତୁ ଅନୁଗ୍ରହରେ ନୂତନ ନିୟମର ଅଧିନରେ ଅଛୁ । ପଶୁ ବଳିଦାନ ଦେଇଥିବା ବ୍ୟବସ୍ଥାର ଅଧିନରେ ନୋହୁଁ, ବରଂ ଏକ ନୂତନ ନିୟମ ଅଧିନରେ ଅଛୁ ଯାହା ଈଶ୍ୱରଙ୍କ ପୁତ୍ର ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଅଛି (ଏବ୍ରୀ ୯:୬ ଅଧ୍ୟାୟ)

ବର୍ତ୍ତମାନ କାଳରେ ଅନେକ ଦଶ ଆଜ୍ଞାର ଅଧିନରେ ରହିବାକୁ ଇଚ୍ଛା କରନ୍ତି । କିନ୍ତୁ ତାହାର ସଫଳ ହେବା ପରେ, ତାହାଠାରୁ ଉତ୍କୃଷ୍ଟତର ଖ୍ରୀଷ୍ଟଙ୍କ ନୂତନ୍ ନିୟମ ତାହାର ସ୍ଥାନ ଗ୍ରହଣ କରିଅଛି । ସିଦ୍ଧ ଓ ସଂପୂର୍ଣ୍ଣ ଖ୍ରୀଷ୍ଟଙ୍କ ନିୟମ ପରିତ୍ୟାଗ କରି, ଅସଂପୂର୍ଣ୍ଣ ବ୍ୟବସ୍ଥା ପାଳନ କରିବା ମୁର୍ଖତାର ବିଷୟ । ବ୍ୟବସ୍ଥା କୌଣସି ମନୁଷ୍ୟକୁ ପରିତ୍ରାଣ ଦେଇ ନ ପାରେ । ବ୍ୟବସ୍ଥା ମନୁଷ୍ୟକୁ ପରିତ୍ରାଣ ଦେଇ ପାରିଥିଲେ, ତାହାକୁ ଉଠାଇ ଦେବାର ଆବଶ୍ୟକତା ନ ଥାନ୍ତା । ପଶୁ ବଳିର ରକ୍ତର ସ୍ଥାପିତ ପୁରାତନ ନିୟମ ଠାରୁ ନୂତନ ନିୟମ ଉତ୍କୃଷ୍ଟତର ।

ବାଇବଲକୁ ସଂପୂର୍ଣ୍ଣ ଭାବେ ବୁଝି ନ ପାରି ଲୋକେ ପୁରାତନ ନିୟମକୁ ଫେରି ଯିବାକୁ ଇଚ୍ଛା କରନ୍ତି । କେବଳ ଅଜ୍ଞାନୀମାନେ ଉଭୟ ନିୟମ ଗୁଡିକକୁ ପାଳନ କରିବାକୁ ଚେଷ୍ଟା କରନ୍ତି । ସେମାନେ ଏକ ଆରେକ ବିପରିତ ଦୁଇ ଦେଶର ଶାସନାଧିନ ହେବାକୁ ଇଚ୍ଛୁକ ପ୍ରଜାମାନଙ୍କ ସଦୃଶ୍ୟ ।

ପୁରାତନ ବ୍ୟବସ୍ଥାକୁ ଇତିହାସ ରୂପେ ଗ୍ରହଣ କରି, ଈଶ୍ୱରଙ୍କ ସ୍ଥାପିତ, ବର୍ତ୍ତମାନ ପ୍ରଚଳିତ ନୂତନ ବିୟମର ଅଧିନ ହେବା ଆବଶ୍ୟକ । ବାଇବଲକୁ ସୂକ୍ଷ୍ମ ଭାବେ ବିଶ୍ଳେଷଣ କଲେ ବୁଝି ପାରିବା ଯେ, କେବଳ ଏକ ଆଜ୍ଞା ବ୍ୟତୀତ ଦଶ ଆଜ୍ଞା, ନୂତନ ନିୟମର ଶିକ୍ଷାର ବ୍ୟତିରେକ ନୁହେଁ । ବିଶ୍ରାମ ଦିନ ପାଳନ କରିବା ନିମନ୍ତେ ନୂତନ ନିୟମରେ ଆଜ୍ଞା ଦିଆଯାଇ ନାହିଁ । ଅନ୍ୟ ନଅଟି ଆଜ୍ଞା ଗୁଡିକ ନିତ୍ୟ ସତ୍ୟ ଦୈବିକ ନିୟମ । ତେଣୁ ସେଗୁଡିକ ନିରନ୍ତର ଅମଳରେ ରହିଥାଏ । ଉଦାହରଣ ସ୍ୱରୂପ- କୌଣସି ପ୍ରଭୁତ୍ୱ ନୂତନ ନିୟମାବଳୀ ଗଠନ କଲାବେଳେ, ପୁରାତନ ନିୟମର କେତୋଟି ନିୟମ, ନୂତନ ନିୟମରେ ଯୋଗ କରେ । ଆମ୍ଭେମାନେ ନୂତନ ନିୟମ ସଂପୂର୍ଣ୍ଣ ଭାବେ ପାଳନ କରି, ପୁରାତନ ନିୟମ ମଧ୍ୟ ପାଳନ କରିଅଛୁ ବୋଲି ମନେ କରିବା ଉଚିତ୍ ନୁହେଁ ।

ମୋଶାଙ୍କ ବ୍ୟବସ୍ଥା କେବଳ ଇଶ୍ରାୟେଲ ଜାତି ନିମନ୍ତେ ପରିମିତ । କିନ୍ତୁ ଖ୍ରୀଷ୍ଟଙ୍କ ବ୍ୟବସ୍ଥା, ଗ୍ରହଣ କରିବାକୁ ଇଚ୍ଛୁକ ପ୍ରତ୍ୟେକ ଜାତି ନିମନ୍ତେ ଦତ୍ତ ହୋଇଅଛି । ସମସ୍ତ ମନୁଷ୍ୟ ଜାତିକୁ ସେ ଆହ୍ୱାନ କରନ୍ତି । ଏହିପରି ଭାବେ ନୂତନ ନିୟମ ପୁରାତନ ନିୟମର ସ୍ଥାନ ଗ୍ରହଣ କରିଅଛି ।

***- J.C. Choate***

❋ ❋ ❋

# ଜେବଦୀଙ୍କ ପୁତ୍ର ଯାକୁବ
## (James, the son of Zebedee)

ପ୍ରେରିତଗଣର ସଂଖ୍ୟାରେ, ଜେବଦୀଙ୍କ ପୁତ୍ର ଯାକୁବ ଅନ୍ୟତମ । ଏହି ଯାକୁବଙ୍କ ବିଷୟରେ, ଈଶ୍ୱରଙ୍କ ବାକ୍ୟରେ ବିଶେଷ କିଛି ଲେଖାଯାଏ ନାହିଁ । ଯାକୁବ, ଏକ ଏବ୍ରୀ ନାମ । ସେ ବେଥସାଇଦା ନଗରବାସୀ । ପିତାଙ୍କ ନାମ ଜେବିଦି ଓ ମାତାଙ୍କ ନାମ ଶଲୋମୀ । ସେ ଯୀଶୁଖ୍ରୀଷ୍ଟଙ୍କ ମାତା ମରିୟମ୍‌ଙ୍କ ଭଗିନୀ । ଯୋହନଙ୍କ ସାନଭାଇ ଯାକୁବ । ବାକ୍ୟରେ ଦୁଇଭାଇଙ୍କ ନାମ ମିଳିତଭାବେ ଉଲ୍ଲେଖ କରାଯାଏ ।

ଯାକୁବ କ୍ରୋଧୀ । ଯାକୁବ ଓ ତାହାଙ୍କ ଭାଇ ଯୋହନଙ୍କୁ ଯୀଶୁ ପ୍ରଭୁ ବିନେରିଗୋଷ, ଅର୍ଥାତ୍ 'ମେଘନାଦ'ର ପୁତ୍ର ବୋଲି ଉପନାମ ଦେଲେ । (ମାର୍କ ୩:୧୭) । ଯୀଶୁଖ୍ରୀଷ୍ଟଙ୍କୁ ଅଗ୍ରାହ୍ୟ କରିଥିବା ଏକ ଶମୀରୋଣୀୟ ଗ୍ରାମବାସୀ ଉପରେ ଆକାଶ ଅଗ୍ନିପଡ଼ି ବିନାଶ କରିବାକୁ ଆଜ୍ଞାଦେବାକୁ ଉଦ୍ୟତ ଥିବା, ଏହି ଭ୍ରାତୃଦ୍ୱୟଙ୍କୁ, ଯୀଶୁଖ୍ରୀଷ୍ଟଙ୍କ ଦତ୍ତ ନାମ ଉପଯୁକ୍ତ ଥିଲା । (ଲୁକ ୯:୫୨-୫୪) । ଯୀଶୁଖ୍ରୀଷ୍ଟଙ୍କ ଆନ୍ତରିକ ଶିଷ୍ୟମାନଙ୍କୁ ସେ, ସେମାନଙ୍କୁ ବ୍ୟକ୍ତିତ୍ୱାନୁଯାୟୀ ଉପନାମ ଦେଉଥିଲେ । ଶିମୋନଙ୍କୁ ସେ କେଫା ଅର୍ଥ (ପଥର) ଓ ଯୋହନ ଯାକୁବଙ୍କୁ ବିନେରିଗୋଷ ଉପନାମ ଦେଲେ । ଏମାନେ ତୀବ୍ର ଓ ଦୋଷୀଙ୍କୁ ତତ୍‌କ୍ଷଣାତ୍ ଦଣ୍ଡିତ କରିବାରେ ତତ୍ପର ବ୍ୟକ୍ତି ଥିଲେ ।

ପ୍ରଭୁ ଯୀଶୁ, ଯାକୁବ ଓ ଯୋହନଙ୍କ ସହ ଦେଖାପାଇବା ସମୟରେ ସେମାନେ କର୍ମୀ ଓ ପରିଶ୍ରମୀ ଥିଲେ । ସେମାନଙ୍କ ପିତା ଜେବଦୀ ସହ, ପିତୃ ବ୍ୟବସାୟରେ ସେମାନେ ବ୍ୟସ୍ତ ଥିଲେ (ମାଥିଉ ୪:୨୧) । ଯୋହନ ୧:୩୫ ପଦନୁଯାୟୀ ସେ ବାପ୍ତିଜିତ ଯୋହନଙ୍କ ଶିଷ୍ୟ ହୋଇଥିବେ ବୋଲି ମନେହୁଏ । ସେ ଯାହା ବି ହେଉ, ଯୀଶୁଙ୍କ ଆହ୍ୱାନରେ ସେ ତତ୍‌କ୍ଷଣାତ୍, ତାହାଙ୍କ ଅନୁଗମନ କରିବାକୁ ଉଦ୍ୟତ ହେଲେ । ପିତର ଓ ଯୋହନଙ୍କ ସଦୃଶ୍ୟ ସେ ଯୀଶୁଖ୍ରୀଷ୍ଟଙ୍କ ଅନ୍ତରଙ୍ଗ ଶିଷ୍ୟ ଥିଲେ ।

ଯିହୂଦୀୟ ସମାଜ ମନ୍ଦିରର ଅଧକ୍ଷ ଯାଇରସଙ୍କ କନ୍ୟା ମୃତ୍ୟୁ ଭୋଗିବା ସମୟରେ, ଯୀଶୁଖ୍ରୀଷ୍ଟ, ପିତର, ଯାକୁବ ଓ ଯୋହନଙ୍କୁ ଆପଣା ସଙ୍ଗେ ନେଇ ଘର ଭିତରକୁ ପ୍ରବେଶ କରିଥିଲେ (ମାର୍କ ୫:୩୫-୪୨) । ଯୀଶୁଖ୍ରୀଷ୍ଟ ରୂପାନ୍ତରିତ ହେବା ସମୟରେ ପର୍ବତ ଉପରକୁ ଏହି ତିନିଜଣଙ୍କୁ ନେଇ ଯାଇଥିଲେ (ମାଥିଉ ୧୭:୨) ।

ତାହାଙ୍କ କ୍ରୁଶୀୟ ମୃତ୍ୟୁ ପୂର୍ବେ ସେ ଏହି ତିନିଜଣଙ୍କୁ ଆପଣା ସଙ୍ଗରେ ନେଇ, ଗେଥସୀମନୀ ଉଦ୍ୟାନରେ ପ୍ରାର୍ଥନା କରିଥିଲେ (ମାର୍କ ୧୪:୩୩) । ଯାକୁବ ଓ ଯୋହନଙ୍କ ବିଷୟରେ ଉଲ୍ଲେଖିତ ହେବା ପ୍ରତ୍ୟେକ ଘଟଣାରେ, ଯାକୁବଙ୍କ ନାମ ପ୍ରଥମେ ଉଲ୍ଲେଖିତ କରାଯାଏ । ଯାକୁବଙ୍କ ବ୍ୟକ୍ତିଗତ ଜୀବନ ବିଷୟରେ ବାଇବଲରେ କିଛି ଲିଖିତ ହୋଇନାହିଁ । ସେ ହତସାକ୍ଷୀ ହୋଇ ଏହି ମର୍ତ୍ତ୍ୟ ତ୍ୟାଗ କରିଥିଲେ । ତାହାଙ୍କ ଦ୍ୱାରା କୌଣସି ପତ୍ର ଲିଖିତ ହୋଇନାହିଁ ।

ପ୍ରେରିତ ଯାକୁବଙ୍କ ଉପରେ ତାହାଙ୍କ ପିତାମାତାଙ୍କ ପ୍ରଭାବ ଥିଲା । ତାହାଙ୍କ ପିତା ଏକ ଧନୀ ମତ୍ସ୍ୟ ବ୍ୟବସାୟୀ । ଯୀଶୁଖ୍ରୀଷ୍ଟ ସେମାନଙ୍କୁ 'ମୋହର ଅନୁଗମନ କର' ବୋଲି ଆହ୍ୱାନ ଦେବା ମାତ୍ରେ, ସେମାନେ ଆପଣା ପିତାଙ୍କୁ ମୂଲିଆମାନଙ୍କ ସହିତ ନୌକାରେ ଛାଡ଼ି ତାହାଙ୍କର ଅନୁଗମନ କଲେ । (ମାର୍କ ୧:୨୦) ତାହାଙ୍କ ମାତା ଶାଲୋମୀ, ଯୀଶୁଖ୍ରୀଷ୍ଟଙ୍କ ଭକ୍ତି ଭରେ ଉପାସନା କରୁଥିଲେ ।

"....ଆପଣଙ୍କ ରାଜ୍ୟରେ ଯେପରି ମୋହର ଏହି ଦୁଇ ପୁତ୍ରଙ୍କ ମଧ୍ୟରୁ ଜଣେ ଆପଣଙ୍କ ଦକ୍ଷିଣ ପାର୍ଶ୍ୱରେ ଓ ଅନ୍ୟ ଜଣେ ବାମ ପାର୍ଶ୍ୱରେ ବସନ୍ତି...." ବୋଲି ଅନୁରୋଧ କରିଥିଲେ । ସେ ଯୀଶୁଖ୍ରୀଷ୍ଟଙ୍କ ପୁନଃରୁଥାନ ପରେ, ବିଶ୍ରାମବାର ଗତ ହେଲା ଉତ୍ତାରେ ମଗଦଲୀନୀ ମରିୟମ, ଯାକୁବଙ୍କ ମାତା ମରିୟମ ଓ ଶାଲୋମୀ ସୁଗନ୍ଧି ଦ୍ରବ୍ୟ କିଣିଲେ, ଯେପରି ସେମାନେ ଯାଇ ତାହାଙ୍କୁ ମଖାଇଦେଇ ପାରନ୍ତି, ପୁଣି ସପ୍ତାହର ପ୍ରଥମ ଦିବସରେ ଅତି ପ୍ରତ୍ୟୁଷରେ ସେମାନେ ସମାଧି ନିକଟକୁ ଗଲେ ଓ ଯୀଶୁଖ୍ରୀଷ୍ଟଙ୍କ ପୁନରୁତ୍ଥାନର ବାର୍ତ୍ତା ପ୍ରଥମେ ଜାଣିବାର ସୁଯୋଗ ପାଇଥିଲେ । ଶଲୋମୀ, ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଅତ୍ୟଧିକ ଭାବେ ପ୍ରଭାବିତ ଥିଲେ, ତେଣୁ ଆପଣା ପୁତ୍ରମାନଙ୍କୁ ତାହାଙ୍କ ଶିଷ୍ୟ ହେବା ନିମନ୍ତେ ପ୍ରୋତ୍ସାହିତ କରିଥିଲେ । ସନ୍ତାନମାନଙ୍କ ଉପରେ, ପିତାମାତାଙ୍କ ପ୍ରଭାବ କିଏ ନାସ୍ତି କରିପାରେ ?

ଯଦିଓ ଯାକୁବ, ଖ୍ରୀଷ୍ଟିୟାନମାନଙ୍କୁ କୌଣସି ପତ୍ର ଲେଖି ନାହାନ୍ତି, ତାହାଙ୍କ ଜୀବନୀ ଆମ୍ଭମାନଙ୍କ ନିମନ୍ତେ ଏକ ଶକ୍ତିବନ୍ତ ଉଦାହରଣ । ସେ ଖ୍ରୀଷ୍ଟଙ୍କ ନିମନ୍ତେ ପ୍ରାଣ ଅର୍ପଣକାରୀ ପ୍ରଥମ ହତ ସାକ୍ଷୀ । ହେରୋଦ ରାଜା, ଯୋହନଙ୍କ ଭ୍ରାତା ଯାକୁବଙ୍କୁ ଖଡ଼୍‌ଗରେ ବଧ କଲେ (ପ୍ରେରିତ ୧୨:୧-୨) । ସେ ସତରବର୍ଷ ଧରି ପ୍ରେରିତ କାର୍ଯ୍ୟ କରିଥିଲେ । ଶୟତାନ ସହ ଯୀଶୁଖ୍ରୀଷ୍ଟଙ୍କ ଆତ୍ମିକ ଯୁଦ୍ଧରେ, ନାୟକ ଯାକୁବ ବଧ ହେବାର ପ୍ରଥମ ବ୍ୟକ୍ତି ।

ଷ୍ଟିଫାନ, ଖ୍ରୀଷ୍ଟଙ୍କ ମଣ୍ଡଳୀର ପ୍ରଥମ ହତସାକ୍ଷୀ । ସେ ଯିହୂଦୀମାନଙ୍କ ଦ୍ୱାରା ପ୍ରସ୍ତରାଘାତରେ ମୃତ୍ୟୁବରଣ କଲେ । ତାହାଙ୍କ ମୃତ୍ୟୁର କିଛି ବର୍ଷ ପରେ ଯାକୁବ ବଧ ହୋଇଥିଲେ । ତତ୍ପରେ ଅନେକ ଖ୍ରୀଷ୍ଟଙ୍କ ଆଡ଼େ ଉର୍ଦ୍ଧ୍ୱ ଦୃଷ୍ଟି ରଖି, ସାହସ ସହ ମୃତ୍ୟୁର ସମ୍ମୁଖୀନ ହୋଇଥିଲେ । ଅତି ବୃଦ୍ଧ ପୋଲୀକାର୍ପ୍ଯୁ ଯୀଶୁଙ୍କୁ ଅସ୍ୱୀକାର ନ କରି, ସନ୍ତୋଷରେ ମୃତ୍ୟୁ ଭୋଗିଥିଲେ । ''ମୁଁ ତାହାଙ୍କୁ ଛୟାଅଶି ବର୍ଷ ପର୍ଯ୍ୟନ୍ତ ସେବା କଲି, ସେ ମୋତେ କୌଣସି ଅନିଷ୍ଟ କରିନାହାନ୍ତି । ଯେଉଁ ରାଜା ମୋତେ ଏତେ ବର୍ଷ ରକ୍ଷା କଲେ, ତାହାଙ୍କୁ କି ମୁଁ ଅସ୍ୱୀକାର କରିବି ?'' ବୋଲି ସେ ପ୍ରକଟ କରି, ଖ୍ରୀଷ୍ଟଙ୍କ ନିମନ୍ତେ ମରଣ ଭୋଗିଲେ । ପ୍ରେରିତ ଯାକୁବ ସମଭାବାପନ୍ନ ଥିଲେ ।

ଯାକୁବ ଅତ୍ୟାଗ୍ରାହୀ, ପରିଶ୍ରମୀ । ସେ ହତସାକ୍ଷୀ ହେବା କମ୍ ବିଷୟ ନୁହେଁ । ଖ୍ରୀଷ୍ଟଙ୍କ ରାଜ୍ୟରେ ଯାକୁବ ଓ ଯୋହନ ଆଧିପତ୍ୟ ଆଶା କଲେ, କିନ୍ତୁ ଯୀଶୁଖ୍ରୀଷ୍ଟ ମଣ୍ଡଳୀକୁ ସମର୍ପଣ କଲେ । ''.....ମୁଁ ଯେଉଁ ବାପ୍ତିସ୍ମରେ ବାପ୍ତିଜିତ ହେଉଅଛି, ତୁମ୍ଭେମାନେ ସେଥିରେ ବାପ୍ତିଜିତ ହେବ ।'' (ମାର୍କ ୧୦:୩୯) ବୋଲି ଯୀଶୁ ସେମାନଙ୍କୁ କହିଥିଲେ । ମୋ ନିମନ୍ତେ ଯେ ପ୍ରାଣ ହରାଏ, ସେ ରକ୍ଷା ପାଇବ ବୋଲି ଯୀଶୁଙ୍କ ବାକ୍ୟ, ତାହାଙ୍କ ମୃତ୍ୟୁରେ ସଫଳ ହୋଇଥିଲେ । ମେଘନାଦର ପୁତ୍ର ଯାକୁବ, ହେରୋଦଙ୍କ ଖଡ୍‌ଗଧାରରେ ମୃତ୍ୟୁ ଭୋଗି ଯୀଶୁଖ୍ରୀଷ୍ଟଙ୍କ ସୁସମାଚାର ସାମ୍ରାଜ୍ୟରେ, ଖ୍ରୀଷ୍ଟିୟାନମାନଙ୍କ ହୃଦୟରେ ନିତ୍ୟ ଜୀବିତ ।

ଯୀଶୁଖ୍ରୀଷ୍ଟ କହିଲେ,''କାରଣ ଯେକେହି ଆପଣା ଜୀବନ ରକ୍ଷା କରିବାକୁ ଇଚ୍ଛା କରେ, ସେ ତାହା ହରାଇବ, କିନ୍ତୁ ଯେକେହି ମୋ ନିମନ୍ତେ ଆପଣା ଜୀବନ ହରାଇବ, ସେ ତାହା ରକ୍ଷା କରିବ ।'' (ଲୂକ ୯:୨୪) । ଆପଣ କି ଆପଣା ପ୍ରାଣରକ୍ଷା କରିବାକୁ ଇଚ୍ଛୁକ ? ଈଶ୍ୱରଙ୍କ ବାକ୍ୟ ଶ୍ରବଣ କର, ବିଶ୍ୱାସ କର, ମନ ପରିବର୍ତ୍ତନ କର । ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ ସ୍ୱୀକାର କର ବାପ୍ତିଜିତ ହୁଅ । ଏହା ହିଁ ଆପଣା ପ୍ରାଣରକ୍ଷା କରିବାର ଏକମାତ୍ର ମାର୍ଗ ।

***- Joshua Gootam***

❃❃❃

# ଆମ୍ଭମାନଙ୍କ ପିତା ପରମେଶ୍ୱର

## (God our Father)

ଆମ୍ଭମାନଙ୍କ ପିତା ପରମେଶ୍ୱର ସୃଷ୍ଟି ସମୟାବଧି ପୂଜିତ । ସେ ଆଦମ, ଅବ୍ରାହମ, ଇସ୍‌ହାକ, ଯାକୁବ, ମୋଶା, ଯିହୋଶୂୟ, ଶାମୂୟେଲ, ଦାଉଦ, ଶଲୋମନ ପ୍ରଭୃତି ପୁରାତନ ନିୟମର ମହାନ୍ ବ୍ୟକ୍ତିମାନଙ୍କ ଓ ନୂତନ ନିୟମର ବାପ୍ତିଜକ ଯୋହନ, ପରମେଶ୍ୱର ଅଟନ୍ତି, ଯାହାଙ୍କୁ ଜଗତର ଅସଂଖ୍ୟ ଦେଶବାସୀ, ଭାଷାବାଦୀମାନେ ସେବା କରନ୍ତି । ସେ ଅତ୍ୟନ୍ତ ବିଶ୍ୱସନୀୟ ପିତା ଅଟନ୍ତି । ଦୁର୍ଦ୍ଦଶାରେ ଯାହାଙ୍କ ନିକଟରେ ଆମେ ଆର୍ତ୍ତନାଦ କରୁ ।

ଏହି ପରମେଶ୍ୱର କିଏ ଯାହାଙ୍କୁ ଆମ୍ଭେମାନେ ଏତେ ନିର୍ଭର କରୁ ? ସେ କି ଉତ୍ତମ ଦ୍ରବ୍ୟରେ ଆମ୍ଭମାନଙ୍କୁ ପରିତୃପ୍ତ କରିବା **Santa Claus** ଅଟନ୍ତି ? ସେ କି ଆମ୍ଭମାନଙ୍କ ଧନ ସମ୍ପଦର ରକ୍ଷକ ? ସେ କି ଆମ୍ଭମାନଙ୍କୁ ସୁସ୍ଥକାରୀ ବୈଦ୍ୟ ? ସେ କି ଶାସ୍ତି ଦେବା ଏକ ନିଷ୍ଠୁର ପିତା ? ଏହି ପରମେଶ୍ୱର କିଏ ଯାହାଙ୍କ ଆଜ୍ଞା ଆମ୍ଭେମାନେ ପାଳନ କରୁ ? ଉପାସନା କରୁ ? ଏ ପ୍ରଶ୍ନଗୁଡ଼ିକର ଉତ୍ତର ଈଶ୍ୱରଙ୍କ ପୁସ୍ତକ ବାଇବଲରେ ଲିଖିତ ହୋଇଅଛି ।

**ସଦାପ୍ରଭୁ ସର୍ବଶକ୍ତିମାନ** (Omnipotent) : ତାହାଙ୍କ ସୃଷ୍ଟିରେ ତାହାଙ୍କ ଶକ୍ତି ପ୍ରକଟିତ ହୁଏ । (ଆଦି ୧-୨, ଯିରିମିୟ ୫୧:୧୫, ରୋମୀୟ ୧:୨୦) । ସଦାପ୍ରଭୁ ସର୍ବସୃଷ୍ଟିକୁ ସୃଷ୍ଟି କରି ଅଛନ୍ତି ବୋଲି ସର୍ବଦେଶବାସୀ ଜ୍ଞାତ ହେଉନ୍ତୁ ବୋଲି ପ୍ରେରିତ ପାଉଲ ପ୍ରେରିତମାନଙ୍କ କାର୍ଯ୍ୟାବଳୀର ପୁସ୍ତକ ୧୭:୨୨-୩୧, ବର୍ଣ୍ଣନା କରିଅଛନ୍ତି । ସର୍ବସୃଷ୍ଟି ସର୍ବଶକ୍ତିମାନଙ୍କ ଏପରି ଗୌରବ କରେ ଯେ, କେହି ତାହାଙ୍କ ଅସ୍ତିତ୍ୱକୁ ନାସ୍ତି କରିପାରେ ନାହିଁ । (ରୋମୀୟ ୧:୧୮-୨୦)

ଗୀତ ସଂହିତାରେ ସଦାପ୍ରଭୁଙ୍କ ଶକ୍ତି ବର୍ଣ୍ଣନା କରାଯାଇଅଛି । ଉଚ୍ଚ ପର୍ବତମାଳା, ମରୁଭୂମି, ନିଶିବେଳାରେ ଆକାଶର ନକ୍ଷତ୍ରର ନିରୀକ୍ଷଣ କରୁ । ଆକାଶମଣ୍ଡଳ ଦିନକୁ ଦିନ ବୃଦ୍ଧି ପାଉଅଛି ବୋଲି ବୈଜ୍ଞାନିକ ଗବେଷଣ ପ୍ରମାଣ ଦିଏ । ଆକାଶମଣ୍ଡଳର ବିଶାଳତାର ତୁଳନାରେ ଆମ୍ଭେମାନେ ପିମ୍ପୁଡ଼ି ସଦୃଶ୍ୟ ।

ଆକାଶର ବିଶାଳତା ହିଁ ତାହାଙ୍କ ଏକମାତ୍ର ସୃଷ୍ଟ ନୁହେଁ । ଭୂମିର ପ୍ରତ୍ୟେକ ଫୁଲ ଓ ପ୍ରତ୍ୟେକ ଫଳ ପରମେଶ୍ୱରଙ୍କ ହସ୍ତକୃତ କର୍ମ । ସେଗୁଡ଼ିକ ସେହି ମହାନ୍

ସୃଷ୍ଟିକର୍ତ୍ତାଙ୍କ ଗୌରବ ପ୍ରକାଶ କରେ । ଜଗତର ପ୍ରତ୍ୟେକ ପ୍ରାଣୀ, ମତ୍ସ୍ୟ, ପକ୍ଷୀ ସଦାପ୍ରଭୁଙ୍କ ସୃଷ୍ଟ । ସେ ଭୂମିରେ ସଞ୍ଚିତ ରଖିଥିବା ଖଣିଜ ଦ୍ରବ୍ୟ ଅସରନ୍ତି ଅଟେ । ସମସ୍ତ ସୃଷ୍ଟି, ସର୍ବଶକ୍ତିମାନ ପିତା ପରମେଶ୍ୱରଙ୍କ ଗୌରବ ପ୍ରକଟ କରେ ।

**ପରମେଶ୍ୱର ସର୍ବଜ୍ଞାନୀ :** ଏବ୍ରୀ ୪:୧୩, ସଦାପ୍ରଭୁ ସର୍ବଜ୍ଞାନୀ ଅଟନ୍ତି ବୋଲି ଲିଖିତ ହୋଇଅଛି । ତାହାଙ୍କୁ କୌଣସି ବିଷୟ ଅଜଣା ନୁହେଁ । ସମସ୍ତ ବିଷୟ ଜ୍ଞାତ ପରମେଶ୍ୱରଙ୍କୁ ଆମ୍ଭମାନଙ୍କ ଜୀବନର ଓ କର୍ମର ହିସାବ ଦେବାକୁ ହେବ ।

ମନୁଷ୍ୟଙ୍କୁ ଯାହା ଅଜ୍ଞାତ, ସଦାପ୍ରଭୁ ତାହା ଜ୍ଞାତ ଅଟନ୍ତି । (ମାର୍କ ୧୩:୩୨) । ସମୟର ଅନ୍ତ ବିଷୟରେ ଅନେକ, ଅନେକଭାବରେ ପ୍ରଚାର କରୁଥିଲେ ସୁଦ୍ଧା,ତାହା କେବେ ଘଟିବ କେହି ଜାଣନ୍ତି ନାହିଁ । ଏହା କେବଳ ସଦାପ୍ରଭୁଙ୍କ ଅଧିନ । ଆମ୍ଭେମାନେ ସମୟର ଅନ୍ତରେ ଜୀବନଯାପନ କରୁଅଛୁ । ଯୀଶୁଖ୍ରୀଷ୍ଟଙ୍କ ମୃତ୍ୟୁ, ସମାଧି ଓ ଉତ୍ଥାନର ସମୟ ଠାରୁ ଶେଷକାଳ ଉପସ୍ଥିତ ହୋଇଅଛି । ଆମ୍ଭେମାନେ ଶେଷ ଯୁଗ, ଅର୍ଥାତ୍ ଖ୍ରୀଷ୍ଟିୟାନ ଯୁଗରେ ନିବାସ କରୁଅଛୁ । ଏଣୁକରି ସଦା ପ୍ରସ୍ତୁତ ରହୁ । ଏହି ଯୁଗ କେବେ ଶେଷ ହେବ, ଆମେ ଜ୍ଞାତ ନଥିବାରୁ, ପ୍ରତିଦିନ ଶେଷ ଦିନ ରୂପେ ମଣି ଆପଣା ଜୀବନ ସୁଧାରୁ । (ମାଥିଉ ୨୪:୩୬-୪୪) । ଯୁଦ୍ଧ, ଭୂମିକମ୍ପ, ତୋଫାନ ପ୍ରଭୃତି ଘଟିବା ଦେଖି, ପ୍ରଭୁ ଯୀଶୁଙ୍କ ଆଗମନ ନିକଟ ବୋଲି ଅନେକ ପ୍ରଚାର କରନ୍ତି । ଏପରି ଭ୍ରାନ୍ତ ଶିକ୍ଷା ଠାରୁ ଆପଣାକୁ ଦୂରରେ ରଖୁ । ମାଥିଉ ୨୪:୪-୮ ପଦନୁଯାୟୀ, ଏସବୁ ଘଟିବା ସତ୍ତ୍ୱେ ଜଗତର ସମାପ୍ତି, ଉପସ୍ଥିତ ହୋଇନାହିଁ ବୋଲି ଜାଣିପାରୁ ।

ସଦାପ୍ରଭୁଙ୍କ ଜ୍ଞାନ ଆମ୍ଭମାନଙ୍କ ବୋଧର ଅଗମ୍ୟ (ଯିଶାଇୟ ୪୦:୨୮) । ତାହା ଅନନୁସନ୍ଧେୟ ! (ରୋମୀୟ ୧୧:୩୩-୩୬) ଆମ୍ଭେମାନେ ତାହାଙ୍କ ବିଷୟରେ ଜାଣିବାକୁ ଯେତେ ଚେଷ୍ଟା କଲେ ବି, ସମସ୍ତ ବିଷୟ ବୁଝିପାରିବା ନାହିଁ । "ଯେଣୁ ଈଶ୍ୱରଙ୍କ ମୂର୍ଖ ବିଷୟ ମନୁଷ୍ୟର ଜ୍ଞାନ ଅପେକ୍ଷା ଅଧିକ ଜ୍ଞାନପୂର୍ଣ୍ଣ, ଆଉ ଈଶ୍ୱରଙ୍କ ଦୁର୍ବଳ ବିଷୟ ବଳ ଅପେକ୍ଷା ଅଧିକ ବଳବାନ ।" (୧ମ କରିନ୍ଥୀ ୧:୨୫)

ପରମେଶ୍ୱର ସର୍ବବ୍ୟାପୀ : ସେଏକ ସମୟରେ ସବୁ ସ୍ଥାନରେ କିପରି ରହିପାରିବେ ? ତାହାଙ୍କୁ ଏହା ଅସାଧ୍ୟ ନୁହେଁ । ଯେହେତୁ ସେ ପରମେଶ୍ୱର ଅଟନ୍ତି । ସେ ଆମ୍ଭମାନଙ୍କ ପଥ, ହୃଦୟର ଭାବନା ଓ କଳ୍ପନା ସବୁ ଜାଣନ୍ତି । ଆମ୍ଭେମାନେ ଯେଉଁଠି ଥିଲେ ମଧ୍ୟ ସେ ଆମ୍ଭମାନଙ୍କ ସହିତ ରହନ୍ତି । ଆମ୍ଭେମାନଙ୍କୁ ମାତୃଗର୍ଭରୁ ଜ୍ଞାତ ଅଟନ୍ତି । ଆମ୍ଭେମାନେ

କେବେ ମୃତ୍ୟୁ ଭୋଗିବା, ତାହାଙ୍କ ଠାରୁ ଅଜ୍ଞାତ ନୁହେଁ । ଆମ୍ଭମାନଙ୍କ ସମସ୍ୟା, ଅସୁସ୍ଥତା ବିଷୟ ତାହାଙ୍କ ଅଜଣା ନୁହେଁ । ସେ ଆଶ୍ଚର୍ଯ୍ୟମୟ ପରମେଶ୍ୱର ଅଟନ୍ତି ।

ସର୍ବଶକ୍ତିମାନ, ସର୍ବଜ୍ଞାନୀ ଓ ସର୍ବବ୍ୟାପୀ ପରମେଶ୍ୱରଙ୍କ ଗୁଣଗାନ, ଦାନିୟେଲ ୨:୧୯-୨୩, ୨୭-୩୮ରେ କରିଅଛନ୍ତି । ସେ ଆମ୍ଭମାନଙ୍କ ଶାରୀରିକ ଓ ଆତ୍ମିକ ଆବଶ୍ୟକତା ପୂରଣ କରନ୍ତି । ମହାନ୍ ପରମେଶ୍ୱର ଆଜ୍ଞାବହତା ଲୋଡ଼ନ୍ତି । ସଦାପ୍ରଭୁ ଆଜ୍ଞାବହ ନହେବା, ମୁର୍ଖତାର ବିଷୟ । ତାହାଙ୍କୁ ଜ୍ଞାତ ହେବା, ତାହାଙ୍କ ଆଜ୍ଞାପାଳନ କରିବା ବୁଦ୍ଧିମାନର ଲକ୍ଷଣ । କାରଣ ପରମେଶ୍ୱର ହିଁ ଆମ୍ଭମାନଙ୍କ ସୁଖ, ଶାନ୍ତି, ଆନନ୍ଦ ଓ ଅନନ୍ତଜୀବନ ପ୍ରଦାନ କରନ୍ତି ।

*- Glover Shipp*

❋❋❋

# ସତେ କି ପ୍ରଭୁ ପ୍ରାର୍ଥନାର ଉତ୍ତର ଦିଅନ୍ତି ?

## (Does God Really Answer Prayers ?)

ସଦାପ୍ରଭୁ ଆମ୍ଭମାନଙ୍କ ପ୍ରାର୍ଥନା ଶୁଣନ୍ତି ଓ ସାହାଯ୍ୟ କରିବାରେ ଇଚ୍ଛା କରନ୍ତି । ବାଇବଲର ଲିଖିତ ବାକ୍ୟ ଏହା ସୁସ୍ପଷ୍ଟ କରେ ।

ତାହାଙ୍କ ପ୍ରଜା ତାହାଙ୍କ ଠାରେ ପ୍ରାର୍ଥନା କରନ୍ତୁ ବୋଲି ପ୍ରଭୁ ଇଚ୍ଛା କରନ୍ତି । ''ସଦାପ୍ରଭୁ ଆପଣା ନିକଟରେ ପ୍ରାର୍ଥନାକାରୀ, ସତ୍ୟ ଭାବରେ ପ୍ରାର୍ଥନାକାରୀ ସମସ୍ତଙ୍କର ନିକଟବର୍ତ୍ତୀ ଅଟନ୍ତି ।'' (ଗୀତ ୧୪୫:୧୮) । ଦାଉଦ ରାଜା ଆପଣା ଦୁର୍ଦ୍ଦଶାକାଳରେ ସଦାପ୍ରଭୁଙ୍କର ଉପସ୍ଥିତି ଅନୁଭବ କରିଥିଲେ । ଯେଉଁମାନେ, ''ସତ୍ୟ ଭାବରେ'' ସଦାପ୍ରଭୁଙ୍କ ନିକଟରେ ପ୍ରାର୍ଥନା ବିନତୀ କରନ୍ତି, ସେ ସେମାନଙ୍କ ସାହାଯ୍ୟ କରନ୍ତି । ''ଧାର୍ମିକମାନଙ୍କ ପ୍ରତି ସଦାପ୍ରଭୁଙ୍କର ଦୃଷ୍ଟି ଅଛି'' ବୋଲି ସେ ଗୀତ ୩୪:୧୫ ପଦରେ ଲେଖନ୍ତି । ତାହାଙ୍କ ପୁତ୍ର ଶଲୋମନ, ପିତାଙ୍କ ଜୀବନୀରୁ ଅନେକ ବିଷୟ ଶିକ୍ଷା କରିଥିଲେ । ସେ ପିତା ଦାଉଦଙ୍କ ସଦୃଶ୍ୟ ପ୍ରାର୍ଥନାଶୀଳ ବ୍ୟକ୍ତି ଥିଲେ । ''ଦୁଷ୍ଟମାନଙ୍କ ବଳିଦାନ ସଦାପ୍ରଭୁଙ୍କ ଠାରେ ଘୃଣାର ବିଷୟ ଅଟେ । ମାତ୍ର ସରଳ ଲୋକଙ୍କର ପ୍ରାର୍ଥନା ତାହାଙ୍କର ତୁଷ୍ଟିକର ।'' (ହିତ ୧୫:୮) ଧାର୍ମିକମାନଙ୍କ ପ୍ରାର୍ଥନା ସଦାପ୍ରଭୁଙ୍କ ତୁଷ୍ଟଜନକ ବୋଲି ସେ ଅନୁଭବ କରିଥିଲେ ।

ସଦାପ୍ରଭୁ ନିକଟରେ ଧାର୍ମିକମାନଙ୍କ ପ୍ରାର୍ଥନା କେବଳ ତୁଷ୍ଟଜନକ ନୁହେଁ,

ସେ ସତ୍ୟଚାରୀ ଉପାସକମାନଙ୍କର ଅନ୍ୱେଷଣ କରନ୍ତି । ‘‘ଈଶ୍ୱରଙ୍କ ଆତ୍ମା, ଯେଉଁମାନେ ତାହାଙ୍କର ଉପାସନା କରନ୍ତି, ଆତ୍ମାରେ ଓ ସତ୍ୟରେ ଉପାସନା କରିବା ସେମାନଙ୍କର ଉଚିତ । (ଯୋହନ ୪:୨୩) । ସଦାପ୍ରଭୁ ଲୋଭୀ ନୁହନ୍ତି । ସେ ଆମ୍ଭମାନଙ୍କୁ ବହୁଳରୂପେ ଆଶୀର୍ବାଦ କରନ୍ତି । ସଦାପ୍ରଭୁ ଏହି ସୁନ୍ଦର ପୃଥିବୀକୁ ସୃଷ୍ଟି କରିଅଛନ୍ତି ଓ ଆମ୍ଭମାନଙ୍କୁ ଦୃଷ୍ଟିଶକ୍ତି ଦେଇଅଛନ୍ତି, ଯେପରି ତାହା ଦେଖି ଆମ୍ଭେମାନେ ଆନନ୍ଦିତ ହେଉ । ସେ ଆମ୍ଭମାନଙ୍କ ଖାଦ୍ୟ ନିମନ୍ତେ ଅନେକ ଫଳ, ଫସଲ ପ୍ରଦାନ କରନ୍ତି । ତାହାଙ୍କ ଠାରେ ଭୟଭକ୍ତି ଥିବା ମନୁଷ୍ୟମାନଙ୍କ ମଙ୍ଗଳ କରିବାରେ ତାହାଙ୍କ ଆନନ୍ଦ । ସେ ସେମାନଙ୍କ ମନସ୍କାମନା ପୂରଣ କରନ୍ତି । ଦାଉଦ ରାଜା କହନ୍ତି,‘‘ସେ ଆପଣା ଭୟକାରୀମାନଙ୍କର ବାଞ୍ଛା ପୂର୍ଣ୍ଣ କରିବେ, ଆହୁରି ସେ ସେମାନଙ୍କର କାକୁତି ଶୁଣିବେ ଓ ସେମାନଙ୍କୁ ପରିତ୍ରାଣ କରିବେ ।’’ (ଗୀତ ୧୪୫:୧୯)

ସୈନ୍ୟାଧିପତି ସଦାପ୍ରଭୁ ଆପଣା ପ୍ରଜାମାନଙ୍କୁ ଅନେକ ସମୟରେ ଅନେକ ଭାବରେ ସାହାଯ୍ୟ କରିବାର ବିବରଣ, ଆମ୍ଭେମାନେ ବାଇବଲରେ ପଢ଼ିପାରୁ । ‘‘ଅବ୍ରାହାମ ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା କରନ୍ତେ ପରମେଶ୍ୱର ଅବିମେଲକଙ୍କୁ ତାଙ୍କ ଭାର୍ଯ୍ୟାକୁ ସୁସ୍ଥ କଲେ, ତହିଁରେ ସେମାନଙ୍କର ସନ୍ତାନ ସନ୍ତତି ଜନ୍ମ ହେଲେ ।’’ (ଆଦି ୨୦:୧୭)

● ଇଶ୍ରାଏଲ ସନ୍ତାନମାନଙ୍କୁ ପ୍ରାନ୍ତରରେ, ନାସ୍ତିକରିବାରୁ ସଦାପ୍ରଭୁ ସେମାନଙ୍କୁ ଯେପରି ବିନଷ୍ଟ ନ କରନ୍ତି ଏଥି ନିମନ୍ତେ ମୋଶା ସଦାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କଲେ । ‘‘ବିନୟ କରୁଅଛି, ତୁମ୍ଭେ ଆପଣା ଦୟାର ମହତ୍ତ୍ୱ ଅନୁସାରେ ଓ ତୁମ୍ଭେ ଏହି ଲୋକମାନଙ୍କୁ ମିସର ଠାରୁ ଏ ପର୍ଯ୍ୟନ୍ତ ଯେପରି କ୍ଷମା କରିଅଛ, ତଦନୁସାରେ ଏହି ଲୋକମାନଙ୍କର ଅପରାଧ କ୍ଷମା କର ।’’ (ଗଣନା ୧୪:୧୯) । ମୋଶାଙ୍କ ପ୍ରାର୍ଥନା ହେତୁ ଇଶ୍ରାଏଲ ଗୋଷ୍ଠୀ ବିନାଶରୁ ରକ୍ଷା ପାଇଲେ ।

● ହାନ୍ନା ନାମ୍ନୀ ଏକ ଯିହୂଦୀୟ ସ୍ତ୍ରୀ, ଏକ ପୁତ୍ର ସନ୍ତାନ ନିମନ୍ତେ ସଦାପ୍ରଭୁଙ୍କ ଠାରେ ପ୍ରାର୍ଥନା କରିଥିଲେ । ଦତ୍ତ ପୁତ୍ରକୁ ସେ ପରମେଶ୍ୱରଙ୍କ ସେବାରେ ଅର୍ପଣ କରିବେ ବୋଲି ପରମେଶ୍ୱରଙ୍କ ଠାରେ ପ୍ରାର୍ଥନା କରିଥିଲେ । ‘‘ପୁଣି ସେ ଏକ ମାନତ ମନାସି କହିଲା, ହେ ସୈନ୍ୟାଧିପତି ସଦାପ୍ରଭୋ, ଯେବେ ତୁମ୍ଭେ ଆପଣା ଦାସୀର ଦୁଃଖ ପ୍ରତି ନିତାନ୍ତ ଦୃଷ୍ଟିପାତ କରିବ ଓ ମୋତେ ସ୍ମରଣ କରି ଆପଣା ଦାସୀକି ପାସୋରିବ ନାହିଁ, ମାତ୍ର ଆପଣା ଦାସୀକି ଗୋଟିଏ ପୁରୁଷ ସନ୍ତାନ ଦେବ, ତେବେ ମୁଁ ତାହାର ଯାବଜ୍ଜୀବନ ତାହାକୁ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦାନ କରିବି ଓ

ତାହାର ମସ୍ତକରେ କ୍ଷୁର ଲାଗିବ ନାହିଁ ।'' (୧ମ ଶାମୁୟେଲ ୧:୧୧) ସଦାପ୍ରଭୁ ହାନ୍ନାଙ୍କ ପ୍ରାର୍ଥନା ଶୁଣି ତାହାଙ୍କୁ ଏକ ସନ୍ତାନ ଦେଇଥିଲେ । (୧ମ ଶାମୁୟେଲ ୧:୨୦,୨୭) । ହାନ୍ନା, ଶାମୁୟେଲଙ୍କୁ ସଦାପ୍ରଭୁଙ୍କ ବିଧି ଶିଖାଇ, ପ୍ରଧାନ ଯାଜକ ନିକଟକୁ ଆଣିଲେ, ସେ ପ୍ରଧାନ ଯାଜକ ଏଲିଙ୍କ ତତ୍ତ୍ୱାବଧାନରେ ସମାଗମ ତମ୍ବୁରେ ବଢ଼ିଲେ । ସେ ଇଶ୍ରାଏଲ ଗୋଷ୍ଠୀର ଏକ ମହାନ ଯାଜକ ।

- ଭାବବାଦୀ ଏଲିୟ ତିନିବର୍ଷ ଛଅମାସ ପର୍ଯ୍ୟନ୍ତ ଇଶ୍ରାଏଲ ଦେଶରେ ବର୍ଷା ନ ହେବା ପାଇଁ ପ୍ରାର୍ଥନା କରିଥିଲେ । (ଯାକୁବ ୫:୧୭) । କାରଣ ସେ ସମୟରେ ଇଶ୍ରାଏଲ୍ ଗୋଷ୍ଠୀ ସଦାପ୍ରଭୁଙ୍କୁ ଅନ୍ୱେଷଣ ନ କରି, ପ୍ରତିମା ପୂଜାରେ ନିମଗ୍ନ ଥିଲେ । ଏଲିୟଙ୍କ ପ୍ରାର୍ଥନାରେ ପୁନର୍ବାର ସେ ଦେଶରେ ବୃଷ୍ଟିପାତ ହେଲା ।

- ଯିହୂଦା ଗୋଷ୍ଠୀର ରାଜାମାନଙ୍କ ମଧ୍ୟରେ ହଜକିୟ ଏକ ଉତ୍ତମ ରାଜା ଥିଲେ ତଥାପି ସେ ମୃତ୍ୟୁବରଣ କରିବେ ବୋଲି ପରମେଶ୍ୱର ଜଣାଇଲେ । ହଜକିୟ ରାଜା ପ୍ରାର୍ଥନା କରି କହିଲେ, ''ହେ ସଦାପ୍ରଭୋ, ମୁଁ ବିନୟ କରୁଅଛି, ମୁଁ କିପରି ସତ୍ୟତାରେ ଓ ସିଦ୍ଧ ଅନ୍ତଃକରଣରେ ତୁମ୍ଭ ସମ୍ମୁଖରେ ଗମନାଗମନ କରିଅଛି ଓ ତୁମ୍ଭ ଦୃଷ୍ଟିରେ ଉତ୍ତମ କର୍ମ କରିଅଛି, ଏହା ଏବେ ସ୍ମରଣ କର । ''ଆଉ, ହଜକିୟ ଅତିଶୟ ରୋଦନ କଲା ।'' (ଯିଶାଇୟ ୩୮:୩) । ସଦାପ୍ରଭୁ ତାହାଙ୍କ ଅଶ୍ରୁଜଳ ଦେଖି ତାହାଙ୍କ ଉପରେ ଦୟା ବହି, ତାହାଙ୍କ ଜୀବନ ଆଉ ପନ୍ଦର ବର୍ଷ ବଢ଼ାଇଲେ । (ଯିଶାଇୟ ୩୮:୫) ।

- ଯୂନସ, ନୀବିବୀ ଯାଇ ମନ ପରିବର୍ତ୍ତନର ବାର୍ତ୍ତା ପ୍ରଚାର କରିବାର ସଦାପ୍ରଭୁଙ୍କ ଆଜ୍ଞା ଅମାନ୍ୟ କରି ତର୍ଶୀଷ ଯିବା ଜାହାଜ ଚଢ଼ିଲେ । ଏକ ଭୟଙ୍କର ତୋଫାନ ସେମାନଙ୍କୁ ଅସ୍ତବ୍ୟସ୍ତ କଲା । ସେ ସମୁଦ୍ରରେ ନିକ୍ଷିପ୍ତ ହେଲେ ଓ ଏକ ବୃହତ ମତ୍ସ୍ୟ ତାହାଙ୍କୁ ଗ୍ରାସ କଲା । ଯୂନସ ମତ୍ସ୍ୟର ଉଦରରୁ ସଦାପ୍ରଭୁଙ୍କ ଠାରେ ପ୍ରାର୍ଥନା କଲେ ଓ ସଦାପ୍ରଭୁ ତାହାଙ୍କ ପ୍ରାର୍ଥନା ଶ୍ରବଣ କଲେ । ମତ୍ସ୍ୟ ତାହାଙ୍କୁ ଶୁଷ୍କଭୂମିରେ ଉଦ୍‌ଗାର କରିଥିଲେ । (ଯୂନସ ୧:୧୭, ୨:୧ ଓ ୨୦ ପଦ) ।

- ଯିହୂଦାର ରାଜାମାନଙ୍କ ମଧ୍ୟରେ ମନଃଶି ଅତ୍ୟନ୍ତ ଦୁଷ୍ଟ ରାଜା । ତାହାଙ୍କ ପାପ ସକାଶୁ, ସଦାପ୍ରଭୁ ତାହାଙ୍କ ଶତ୍ରୁମାନଙ୍କ ନିକଟରେ ତାହାଙ୍କୁ ସମର୍ପଣ କଲେ । ''ପୁଣି, ସେ ଦୁଃଖରେ ଥିବା ବେଳେ ସଦାପ୍ରଭୁ ପରମେଶ୍ୱରଙ୍କ ଛାମୁରେ ଆପଣାକୁ ଅତିଶୟ ନମ୍ର କଲେ, ଆଉ ସେ ତାହାଙ୍କ ନିକଟରେ ପ୍ରାର୍ଥନା କରନ୍ତେ, ସେ ତାଙ୍କ ପ୍ରତି ପ୍ରସନ୍ନ ହେଲେ ଓ ତାଙ୍କର ନିବେଦନ ଶୁଣି ତାଙ୍କୁ ପୁନର୍ବାର ତାଙ୍କର ରାଜ୍ୟ

ଯିରୁଶାଲମକୁ ଆଣିଲେ । ସେତେବେଳେ ମନଃଶି ଜାଣିଲେ ଯେ, ସଦାପ୍ରଭୁ ପରମେଶ୍ୱର ଅଟନ୍ତି ।'' (ଦ୍ୱି.ବଂ. ୩୩:୧୨-୧୩ । ଦୁଃଖ କଷ୍ଟର ସମ୍ମୁଖୀନ ହେବା ପରେ, ସେ ପରମେଶ୍ୱର ପ୍ରାର୍ଥନା ଶୁଣିପାରନ୍ତି ବୋଲି ବୁଝିପାରିଲେ

ପରମେଶ୍ୱର ମନୁଷ୍ୟମାନଙ୍କ ପ୍ରାର୍ଥନା ଶ୍ରବଣ କରି, ତାହାଙ୍କ ଅସ୍ତିତ୍ୱ ସପ୍ରମାଣ କରନ୍ତି । ସେ ଆପଣଙ୍କ ପ୍ରାର୍ଥନା ଶୁଣି, ଉତ୍ତର ଦେବା ପରମେଶ୍ୱର ଅଟନ୍ତି ।

***- Richard Walker***

❋❋❋

# ଶେଷ ବିଚାର

## (The Final Judgement)

ଏକ ଦିନ ଆସୁଅଛି, ଯେଉଁଦିନ ଆମ୍ଭେମାନେ ଆମ୍ଭମାନଙ୍କ ସୃଷ୍ଟିକର୍ତ୍ତାଙ୍କ ସମ୍ମୁଖରେ ଠିଆ ହେବାକୁ ପଡ଼ିବ । ରାଜା ଫେଲୀକସ୍ ଧାର୍ମିକତା, ଆତ୍ମସଂଯମ ଓ ଆଗାମୀ ବିଚାର ବିଷୟରେ ଶୁଣି ଭୀତ ହୋଇଥିଲେ । (ପ୍ରେରିତ ୨୪:୨୫) । ''ପୁଣି ମୁଁ କ୍ଷୁଦ୍ର ଓ ମହାନ୍ ସମସ୍ତ ମୃତ ଲୋକମାନଙ୍କୁ ସିଂହାସନର ସମ୍ମୁଖରେ ଠିଆ ହେବାର ଦେଖିଲି ଆଉ ପୁସ୍ତକସବୁ ଫିଟାଗଲା, ପରେ ଜୀବନ ପୁସ୍ତକ ନାମକ ଆଉ ଗୋଟିଏ ପୁସ୍ତକ ଫିଟାଗଲା । ସେହି ପୁସ୍ତକମାନଙ୍କରେ ଲିଖିତ ବିଷୟ ପ୍ରମାଣେ ମୃତମାନେ ଆପଣା ଆପଣା କର୍ମାନୁସାରେ ବିଚାରିତ ହେଲେ ।'' (ପ୍ରକାଶିତ ୨୦:୧୨) ।

ଏଥିରେ ଉଲ୍ଲେଖିତ 'ପୁସ୍ତକସବୁ'ର ଅର୍ଥ, ଆମ୍ଭମାନଙ୍କ ହାତରେ ଥିବା ବାଇବଲର ଛଅଷଠି ପୁସ୍ତକ, ଯେଉଁମାନେ ପୁରାତନ ନିୟମାନୁଯାୟୀ ଜୀବନଯାପନ କରିଥିଲେ, ସେମାନେ ପୁରାତନ ନିୟମାନୁଯାୟୀ ଓ ଯେଉଁମାନେ ନୂତନ ନିୟମାନୁଯାୟୀ ବିଚାରିତ ହେବେ । ସଦାପ୍ରଭୁ ପରମେଶ୍ୱର ''ଜୀବନ ପୁସ୍ତକ''ରେ ବିଶ୍ୱସ୍ତମାନଙ୍କ ନାମ ଲିଖିତ କରନ୍ତି । ଯାହାର ନାମ ଜୀବନ ପୁସ୍ତକରେ ଲେଖା ହୋଇଥିବାର ଦେଖା ନଗଲା, ତାହାକୁ ଅଗ୍ନିମୟ ହ୍ରଦରେ...'' (ପ୍ରକାଶିତ ୨୦:୧୫) ପକାଯିବ ।

ରୋମୀୟ ଦ୍ୱିତୀୟ ଅଧ୍ୟାୟରେ କେଉଁମାନେ ଅଗ୍ନିରେ ନିକ୍ଷିପ୍ତ ହେବେ ବର୍ଣ୍ଣନା କରାଯାଇଅଛି । ତାହାଙ୍କ ବିଚାର ସତ୍ୟ ଓ ନ୍ୟାୟ । ସେଦିନ ପରମେଶ୍ୱର, ''.....ପ୍ରତ୍ୟେକ ଲୋକଙ୍କୁ ନିଜ ନିଜ କର୍ମାନୁସାରେ ଫଳ ଦେବେ ।'' (୬ଷ୍ଠ ପଦ) ।

ଏହି ଜଗତରେ ଆମ୍ଭେମାନେ ଯାହା କରୁ, ପରଲୋକରେ ସେ ସବୁର ହିସାବ ଦେବାକୁ ହେବ ।'' କାରଣ ଭଲ ହେଉ ବା ମନ୍ଦର ହେଉ, ପ୍ରତ୍ୟେକ ନିମନ୍ତେ ଖ୍ରୀଷ୍ଟଙ୍କ ବିଚାରାସନ ଛାମୁରେ ଆମ୍ଭ ସମସ୍ତଙ୍କୁ ପ୍ରକାଶିତ ହେବାକୁ ହେବ ।'' (୨ କରିନ୍ଥୀ ୫:୧୦)

''ଈଶ୍ୱରଙ୍କ ନିକଟରେ ମୁଖପେକ୍ଷା ନାହିଁ ।'' (ରୋମୀୟ ୨:୧୧) । ଧନୀ ଓ ଦରିଦ୍ର ମଧ୍ୟରେ ପ୍ରଭେଦ ନାହିଁ । ଧନୀମାନେ ଲାଞ୍ଚ ଦେଇ ପ୍ରତିଫଳରୁ ବଞ୍ଚିତ ହୋଇପାରିବେ ନାହିଁ । ପ୍ରତ୍ୟେକ ମନୁଷ୍ୟ ନ୍ୟାୟଯୁକ୍ତ ଭାବେ ବିଚାରିତ ହେବେ ।

ପାଉଲ କହନ୍ତି, ''ଯେଉଁ ଦିନରେ ଈଶ୍ୱର ମୋହର ସୁସମାଚାର ଅନୁସାରେ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ମନୁଷ୍ୟମାନଙ୍କୁ ଗୁପ୍ତ ବିଷୟଗୁଡ଼ିକ ବିଚାର କରିବେ, ସେହିଦିନ ଏହା ପ୍ରକାଶ ପାଇବ ।'' (ରୋମୀୟ ୨:୧୬)। ମନୁଷ୍ୟ ଲିଖିତ ପ୍ରଥା ବା ନିୟମାବଳୀ, କିଅବା ବୃହତ୍ତମ ମଣ୍ଡଳୀର CREED ପୁସ୍ତକ ଦ୍ୱାରା ମନୁଷ୍ୟମାନେ ବିଚାରିତ ହେବେ ନାହିଁ, କିନ୍ତୁ ସୁସମାଚାର ଦ୍ୱାରା ବିଚାରିତ ହେବେ ।

ନୂତନ ନିୟମର ନିୟମାବଳୀଗୁଡ଼ିକ ଅନେକେ ଅଗ୍ରାହ୍ୟ କଲେ ସୁଦ୍ଧା, ବିଚାରଦିନରେ ସେଗୁଡ଼ିକ ଦେଖିବାକୁ ପାଇପାରିବା । ଶେଷ ବିଚାରରେ, ସୁସମାଚାର ହିଁ ମାପକାଠି ବୋଲି ଜାଣିବା ପରେ, ସେହିଦିନ ନିମନ୍ତେ ପ୍ରସ୍ତୁତ ହେବା ପାଇଁ ତାହା ଅନୁସରଣ କରିବା କି ଆମ୍ଭମାନଙ୍କ କର୍ତ୍ତବ୍ୟ ନୁହେଁ । ଅନେକେ ବାଇବଲରେ ଲିଖିତ ବିଷୟ ଅଗ୍ରାହ୍ୟ କରିବା, ଦୁଃଖର ବିଷୟ, କିନ୍ତୁ ସେଗୁଡ଼ିକ ହିଁ ଅନନ୍ତଜୀବନ ଦାୟକ । ଅନେକେ ବାଇବଲର ଶିକ୍ଷା ଗ୍ରହଣ କରନ୍ତି, କିନ୍ତୁ ଅନୁସରଣ କରନ୍ତି ନାହିଁ, ଶେଷ ବିଚାର ଦିନରେ ବାଇବଲର ଲିଖିତ ବାକ୍ୟ ହିଁ ମନୁଷ୍ୟମାନଙ୍କ ବିଚାର କରିବ ।

***- Albert Gardner***

❋❋❋


ଖ୍ରୀଷ୍ଟଙ୍କ ମଣ୍ଡଳୀ ଦ୍ୱାରା ପ୍ରାୟୋଜିତ

**''ସତ୍ୟବାଣୀ''**

ରେଡ଼ିଓ କାର୍ଯ୍ୟକ୍ରମ **Radio Sri Lanka** ଦ୍ୱାରା ଶୁଣନ୍ତୁ

ଦିନ : ପ୍ରତି ରବିବାର, ସମୟ : ସକାଳ ଘ ୬.୪୫ ମି

*ଆପଣା ବନ୍ଧୁ ଓ ମିତ୍ରମାନଙ୍କୁ ଏହି ଶୁଭବାର୍ତ୍ତା ଜଣାନ୍ତୁ ।*

# ଯୀଶୁଙ୍କ ସ୍ଥାପିତ ମଣ୍ଡଳୀର ପ୍ରାଧାନ୍ୟତା

## (The Importance of the Church that Jesus built)

କାଇସରିଆର ଫିଲିପ୍ପୀ ନଗର ଏକ ବୃହତ ପ୍ରସ୍ତର ଉପରେ ସ୍ଥାପିତ ହୋଇଥିଲା । ଏହି ଅଞ୍ଚଳରେ ପ୍ରଭୁ ଯୀଶୁ ସୁସମାଚାର ପ୍ରଚାର କରିବା ସମୟରେ ଯୀଶୁଖ୍ରୀଷ୍ଟ ଆପଣା ଶିଷ୍ୟମାନଙ୍କୁ "....ମନୁଷ୍ୟ ପୁତ୍ର କିଏ ବୋଲି ଲୋକେ କହନ୍ତି ?" (ମାଥିଉ ୧୬:୩)" । ତାହାଙ୍କ ପ୍ରଶ୍ନକୁ ସେ ବିଭିନ୍ନ ଉତ୍ତର ପାଇଲେ । "....କେହି କେହି କହନ୍ତି ବାପ୍ତିଜକ ଯୋହନ, କେହି କେହି ଏଲିୟ, ଆଉ କେହି କେହି ଯିରିମିୟ ଅବା ଭାବବାଦୀମାନଙ୍କ ମଧ୍ୟରୁ ଜଣେ ।" (ମାଥିଉ ୧୬:୪) । ସେଥିରେ ଯୀଶୁ ସେମାନଙ୍କୁ ପଚାରିଲେ, "....କିନ୍ତୁ ମୁଁ କିଏ ବୋଲି ତୁମ୍ଭେମାନେ କଅଣ କହୁଅଛ ?" (୧୫ତମ) । ପ୍ରେରିତ ପିତର ମହୋତ୍ତମ ସ୍ୱୀକାର କରି କହିଲେ, "....ଆପଣ ଖ୍ରୀଷ୍ଟ, ଜୀବନ୍ତ ଈଶ୍ୱରଙ୍କ ପୁତ୍ର ।" (ମାଥିଉ ୧୬:୧୮) । ଅନେକ କାରଣ ବଶତଃ, ପିତର ଏପରି ସ୍ୱୀକାର କରି ପାରିଥିଲେ । ଯୀଶୁଙ୍କ କୃତ ଆଶ୍ଚର୍ଯ୍ୟ କର୍ମ, ସାହସ ଓ ପରିଶୁଦ୍ଧ ଜୀବନଯାପନ ତାହାଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ଅନ୍ୟ ଶିଷ୍ୟମାନଙ୍କ ମନୋଭାବ ମଧ୍ୟ ପିତର ପିତରଙ୍କ ମନୋଭାବ ସହ ସମ ଥିଲା । କାରଣ ଅନ୍ୟ କେହି ତାହାଙ୍କ ସ୍ୱୀକାରକୁ ବିରୋଧ କରି ନଥିଲେ ।

ପିତରଙ୍କ ସ୍ୱୀକାର ଶୁଣି ଯୀଶୁ କହିଲେ, "......ହେ ଯୂନସର ପୁତ୍ର ଶିମୋନ, ତୁମ୍ଭେ ଧନ୍ୟ, କାରଣ ମନୁଷ୍ୟ ତୁମ୍ଭ ନିକଟରେ ଏହା ପ୍ରକାଶ କରି ନାହିଁ, ବରଂ ମୋହର ସ୍ୱର୍ଗସ୍ଥ ପିତା ପ୍ରକାଶ କରିଅଛନ୍ତି । ଆଉ ମୁଁ ମଧ୍ୟ ତୁମ୍ଭକୁ କହୁଅଛି, ତୁମ୍ଭେ ପିତର, ପୁଣି ଏହି ପଥର ଉପରେ ମୁଁ ଆପଣା ମଣ୍ଡଳୀ ତୋଳିବି, ଆଉ ନରକର ବଳ ତାହାକୁ ପରାଜୟ କରିବ ନାହିଁ । ମୁଁ ତୁମ୍ଭକୁ ସ୍ୱର୍ଗରାଜ୍ୟର କଞ୍ଚି ଦେବି, ଆଉ ତୁମ୍ଭେ ପୃଥିବୀରେ ଯାହା କିଛି ମୁକ୍ତ କରିବ, ସ୍ୱର୍ଗରେ ତାହା ମୁକ୍ତ ରହିବ ।" (ମାଥିଉ ୧୬:୧୭-୧୯)

ଏହା ବାଇବଲର ଅତି ପ୍ରଧାନ ବାକ୍ୟ, ଏଥିରେ ଅନେକ ସତ୍ୟତା ନିହିତ ଅଛି ।

**ମଣ୍ଡଳୀ, ଖ୍ରୀଷ୍ଟଙ୍କ ଦ୍ୱାରା ସ୍ଥାପିତ :** ନୂତନ ନିୟମର ଆମ୍ଭେମାନେ ପଢୁଥିବା ମଣ୍ଡଳୀ, ଖ୍ରୀଷ୍ଟଙ୍କ ଦ୍ୱାରା ସ୍ଥାପିତ । ପ୍ରେରିତମାନଙ୍କୁ ଯୀଶୁ କହିଲେ, "ମୁଁ ଆପଣା ମଣ୍ଡଳୀ ତୋଳିବି " ଖ୍ରୀଷ୍ଟଙ୍କ ସ୍ଥାପିତ ମଣ୍ଡଳୀ ଏକ ଆତ୍ମିକ ସଂସ୍ଥା । ଏହା ବିଶ୍ୱାସରେ, ସିଦ୍ଧାନ୍ତରେ, ସଂଗଠନରେ, ଆରାଧନାରେ, ଏକତାରେ, ସଭ୍ୟତ୍ୱରେ ଯୀଶୁଙ୍କ

ଇଚ୍ଛାନୁଯାୟୀ ଅଟେ । ଏହା ଏକ ପରିପୂର୍ଣ୍ଣମୟ ସଂସ୍ଥା । ଏହି ଆତ୍ମିୟ ସଂସ୍ଥା ଯୀଶୁଖ୍ରୀଷ୍ଟ ସ୍ଥାପନ କରିଥିବାରୁ, ଅନ୍ୟ କାହାକୁ ଏପରି ଆଧାତ୍ମିକ ସଂସ୍ଥା ସ୍ଥାପନ କରିବା ନିମନ୍ତେ ଅଧିକାର ଦିଆଯାଏ ନାହିଁ ।

ମୁଁ, 'ମୋହର ମଣ୍ଡଳୀ' ତୋଳିବି ବୋଲି ଖ୍ରୀଷ୍ଟ ପ୍ରତିଜ୍ଞା କରିଥିଲେ । ମଣ୍ଡଳୀ ଖ୍ରୀଷ୍ଟଙ୍କର ଅଥବା ଖ୍ରୀଷ୍ଟଙ୍କ ମଣ୍ଡଳୀ, କାରଣ ସେ ତାହା ତୋଳିଅଛନ୍ତି । ସେ ଆପଣା ରକ୍ତ କ୍ରୁଶ ଉପରେ ଢ଼ାଳି, ମଣ୍ଡଳୀକୁ କ୍ରୟ କରିଅଛନ୍ତି । (ପ୍ରେରିତ ୨୦:୨୮, ଏଫିସୀ ୫:୨୫-୨୭) ବିଭିନ୍ନ ସ୍ଥାନରେ ଥିବା ସ୍ଥାନୀକ ମଣ୍ଡଳୀ ବିଷୟରେ ସେ ଥରେ କହନ୍ତି, "....ଖ୍ରୀଷ୍ଟଙ୍କ ସମସ୍ତ ମଣ୍ଡଳୀ ତୁମ୍ଭମାନଙ୍କୁ ନମସ୍କାର ଜଣାଉଅଛନ୍ତି" (ରୋମୀୟ ୧୬:୧୬)

**ମଣ୍ଡଳୀ ପରିତ୍ରାଣ ପ୍ରାପ୍ତ :** ଯୀଶୁ କହିଲେ,"....ଏହି ପଥର ଉପରେ ମୁଁ ଆପଣା ମଣ୍ଡଳୀ ତେଳିବି..." ।ଏହାର ଭାବ କଅଣ ? ବାଇବଲରେ ମଣ୍ଡଳୀକୁ ଅନେକ ଭାବରେ ବର୍ଣ୍ଣନା କରାଯାଏ, ସେଗୁଡ଼ିକ ବିଶ୍ଳେଷଣ କରି କଲେ ଯୀଶୁଙ୍କ ବ୍ୟକ୍ତ ବାକ୍ୟର ଭାବ ଜାଣିପାରିବା ।

୧) 'ମଣ୍ଡଳୀ' ଗ୍ରୀକ୍ ପଦ 'ଇଲେକ୍ସିଆ'ରୁ ଆନୀତ । ଯାହାର ଅର୍ଥ, "ଆହ୍ୱାନ ପ୍ରାପ୍ତ" । ଜଗତରୁ "ଆହ୍ୱାନ ପ୍ରାପ୍ତ" ହୋଇ ପରିତ୍ରାଣ ପ୍ରାପ୍ତ ଖ୍ରୀଷ୍ଟିୟାନମାନେ ମଣ୍ଡଳୀରେ ସଂଯୁକ୍ତ ହୁଅନ୍ତି । ମଣ୍ଡଳୀ, ଆହ୍ୱାନ ପ୍ରାପ୍ତ ଓ ପରିତ୍ରାଣ ପ୍ରାପ୍ତ ମନୁଷ୍ୟମାନଙ୍କ ଦ୍ୱାରା ଗଠିତ । ଜାଗତିକ ଦୃଷ୍ଟିକୋଣରୁ ଏହା ଆହ୍ୱାନପ୍ରାପ୍ତ ମାନଙ୍କ ଦ୍ୱାରା ଗଠିତ । ଜାଗତିକ ଦୃଷ୍ଟିକୋଣରୁ ଏହା ଆହ୍ୱାନପ୍ରାପ୍ତ ମାନଙ୍କ ଦ୍ୱାରା ଗଠିତ ସଂଗଠନ ।

୨) ଆଧିପତ୍ୟ ଭାବରେ କହିବାକୁ ଗଲେ, ମଣ୍ଡଳୀ ଖ୍ରୀଷ୍ଟଙ୍କ ରାଜ୍ୟ ଅଟେ । ଖ୍ରୀଷ୍ଟ, ମଣ୍ଡଳୀର ରାଜା ଅଟନ୍ତି । ସମସ୍ତ ଆଧିପତ୍ୟ ତାହାଙ୍କର । (ମାଥିଉ ୨୮:୧୮, ୧ମ କରିନ୍ଥୀ ୧୫:୨୪,୨୫) ଲୂକ ୨୨:୨୯,୩୦, ୧ମ କୀନ୍ଥୀ ୧୧:୨୦, ଏବ୍ରୀ ୧୨:୨୩,୨୮ ପଦନୁଯାୟୀ ମଣ୍ଡଳୀ ଓ ଖ୍ରୀଷ୍ଟଙ୍କ ରାଜ୍ୟ ସମଭାବାପନ୍ନ ପଦ । ଯେଉଁମାନେ ଖ୍ରୀଷ୍ଟଙ୍କ ମଣ୍ଡଳୀର ସଭ୍ୟ ସେମାନେ ଖ୍ରୀଷ୍ଟଙ୍କ ରାଜ୍ୟର ପ୍ରଜା ଅଟନ୍ତି ।

୩) ସଂସ୍ଥା ବା ସଂଗଠନର ଦୃଷ୍ଟିକୋଣରୁ ମଣ୍ଡଳୀ ଏକ ଶରୀର । ଖ୍ରୀଷ୍ଟ ଏହାର ମସ୍ତକ ସ୍ୱରୂପ ଶରୀରର ଅଙ୍ଗପ୍ରତ୍ୟଙ୍ଗ (ରୋମୀୟ ୧୨:୪-୫)

୪) ସ୍ନେହ ବନ୍ଧନର ଭାବରେ, ଏହା 'ପରମେଶ୍ୱରଙ୍କ ଗୃହ' କିଅବା ପରମେଶ୍ୱରଙ୍କ ପରିବାର । ପ୍ରତ୍ୟେକ ଖ୍ରୀଷ୍ଟିୟାନ ଏହି ପରିବାରର ସଭ୍ୟ ଅଟନ୍ତି । (୧ମ ତୀମଥି ୩:୧୫, ରୋମୀୟ ୮:୧୪-୧୭)

୫) ମଣ୍ଡଳୀ ଉପାସନା କରୁଥିବାରୁ ଏହା 'ପରମେଶ୍ୱରଙ୍କ ଗୃହ' ରୂପେ ବର୍ଣ୍ଣନା କରାଯାଏ । (୧ମ କରିନ୍ଥୀ ୩:୧୬, ୧୭, ୬:୧୯, ୨ୟ କରିନ୍ଥୀ ୬:୧୬, ୧ମ ପିତର ୨:୫) । ମଣ୍ଡଳୀ ଏକ ଭବନ ନୁହେଁ । ଏହା ସର୍ବଶକ୍ତିମାନ ପରମେଶ୍ୱରଙ୍କ ନିବାସ ସ୍ଥଳ । ନୂତନ ନିୟମରେ 'ମଣ୍ଡଳୀ' କୌଣସି ଭବନକୁ ସୂଚାଏ ନାହିଁ ।

୬) ଶାରୀରିକ ସମ୍ବନ୍ଧରେ ବର୍ଣ୍ଣନା କଲେ, ଏହା ଖ୍ରୀଷ୍ଟଙ୍କ ବଧୂ । ମଣ୍ଡଳୀର ପ୍ରତ୍ୟେକ ସଭ୍ୟ, ସ୍ୱାମୀ ରୂପ ଖ୍ରୀଷ୍ଟଙ୍କ ନାମ ଧାରଣ କରନ୍ତି ।

ପୁରୁଷ ଯେପରି ଏକ ଭ୍ରାତା, ପୁତ୍ର, ସ୍ୱାମୀ, ପିତା ପ୍ରଭୃତି ଭାବେ ଏହି ଜଗତରେ ବନ୍ଧନ ସ୍ଥାପନ କରେ, ମଣ୍ଡଳୀ ସେପରି ବିଭିନ୍ନ ଦୃଷ୍ଟିକୋଣରୁ ବିଭିନ୍ନ ଭାବେ ପରିଚିତ । ଏହା ଖ୍ରୀଷ୍ଟଙ୍କ ରାଜ୍ୟ, ଖ୍ରୀଷ୍ଟଙ୍କ ଶରୀର, ଗୃହ, ମନ୍ଦିର ଓ ବଧୂ ଅଟେ ।

*- Perry B. Cotham*

❃❃❃


Hear **"SATYAVANI"** in ORIYA

A Radio Programme presented by

Churches of Christ

on **Radio Srilanka**

**Every Sunday at 6.45 a.m.**

*Do not miss this great opportunity.*

*Tell others !*


**Edited & Published by : Kabita & Joshua Gootam**

# WHAT THE BIBLE SAYS ABOUT SATAN

There have always been questions and speculations about the devil (or Satan). God in His Word, gives us all the information we need to battle and overcome the arch-enemy of mankind (2 Peter 1:3; Deuteronomy 29:29,2 Timothy 16,17).

1. He is called "the devil" (accuser)- Matthew 4:1
2. He is called "the tempter" - Matthew 4:3
3. He is called "Satan" - Matthew 4:10
4. He is called the "god of this world" - John 14:30
5. He is called "the prince of the power of the air"- Ephensians 2:2 (no physical body)
6. He is called "the prince of the world"- John 14:30
7. He has his own "devices" - 2 Corinthians 2:11
8. He uses "Wiles (tricks)- Ephesians 6:11
9. He uses "subtlety" (craftiness) -2 Corinthians 11:3
10. Paul spoke of the "snare" of the devil - 1 Timothy 3:7;2 Timothy 2:26
11. God is greater than Satan - 1 John 3:8
12. Satan was the first sinner - John 3:8
13. He is "the father of liars" - John 8:44
14. He has his own preachers (all false teachers are minis ters of Satan. (2 Corinthians 11:13-15)
15. He is very deceptive- (2 Corinthians 11:13-15; Revela tion 12:9).
16. He perverts the Scriptures - Mathew 4:1-11

17. He has always sought to change God's Word - Genesis 3:1-6

18. He would rob man of God's Word - Luke 8:12 (He knows that the word of God is the only sources of salvation - James 1:21).

19. Through his devices and wiles he blinds people to the truth - 2 Corinthians 4:4

20. He is compared to a wolf, a serpent, and a roaring lion - Peter 5:8; John 10:12; Revelation 12:9

21. We can resist and overcome the wicked one - James 4:7,8; 1 Peter 5:8,9

22. The avenues of temptation listed - 1 John 2:15-17

23. God provides a way of escape - 1 Corinthians 10:13

24. The lost will be cast into hell with the devil and his angels on the day of judgment - Matthew 25:41,46

***Printed Book Only***

From:

**SATYA VANI**
**P.O. Box 80,**
**Kakinada - 533 001**

To

(FOR PRIVATE CIRCULATION ONLY)

C M